# 'ଗୁରୁ' ମହାଶୟ

ଶ୍ରୀ ତ୍ରିବିକ୍ରମ ତ୍ରିପାଠୀ

ପଶ୍ଚିମ ଓଡ଼ିଶା ସାମ୍ବାଦିକ କ୍ଷେତ୍ରରେ ଗୁରୁ ସ୍ୱରୂପ ସମ୍ମାନୀତ ଏ ଅଞ୍ଚଳର ପ୍ରବୀଣ ସାମ୍ବାଦିକ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗାନ୍ଧୀବାଦୀ କର୍ମି ଓ ସମାଜସେବୀ ଶ୍ରୀ ନୃସିଂହ ଗୁରୁ ମହାଶୟ ପରିଣତ ବୟସରେ ଆଜି ପ୍ରାତଃରେ ପରଲୋକ ଗମନ କରିଥିବା ସମ୍ବାଦ ସମସ୍ତଙ୍କୁ ଦୁଃଖିତ ଓ ବ୍ୟଥିତ କରିଛି ।

ଜନ୍ମ ହେଲେ ମୃତ୍ୟୁ ଅନିବାର୍ଯ୍ୟ, କିନ୍ତୁ ନିଜ ଜୀବନକୁ ଯେ ସମାଜର ସେବାରେ ଅର୍ପଣ କରି ଅହରହ ପରପାଇଁ ନିଜର ଶ୍ରମ, ସମୟ ଓ ଜୀବନକୁ ବିନିଯୋଗ କରେ ସେପରି ବ୍ୟକ୍ତିଗତ ମୃତ୍ୟୁପରେ ମଧ୍ୟ ସମସ୍ତଙ୍କର ସ୍ମରଣୀୟ ହୋଇ ରହନ୍ତି । ସ୍ୱର୍ଗତ ନୃସିଂହ ଗୁରୁ ଆଜି ସମସ୍ତଙ୍କର ଚକ୍ଷୁକୁ ଯେ ତାଙ୍କର ତ୍ୟାଗ, ନିଷ୍ଠା ଓ ସେବାଧର୍ମ ବଳରେ ଅଶ୍ରୁଳ କରି ବିଦାୟ ନେଇଛନ୍ତି ତାହାହିଁ ତାଙ୍କ ଜୀବନର ସ୍ୱାର୍ଥକତା ଓ ସଫଳତା ।

ସ୍ୱାଧୀନତା ସଂଗ୍ରାମରେ ଅଗ୍ରଣୀ ସୈନିକ ସମାଜସେବା କ୍ଷେତ୍ରରେ ଗୋପବନ୍ଧୁଙ୍କ ତ୍ୟାଗ ବ୍ରତର ଅମ୍ଳାନ ସାଧକ, ଜୀବନରେ ଗାନ୍ଧୀବାଦର ପରମ ପୂଜାରୀ, ସାମ୍ବାଦିକତା କ୍ଷେତ୍ରରେ କର୍ତ୍ତବ୍ୟନିଷ୍ଠ ନିରଳସ କର୍ମିଭାବେ ଶ୍ରୀ ନୃସିଂହ ଗୁରୁ ନୀତିନିଷ୍ଠ ଓ ନିର୍ମଳ ବ୍ୟକ୍ତିତ୍ୱର ଯେଉଁ ଆଦର୍ଶ ରଖିଯାଇଛନ୍ତି ତାହା ଆଜିର ଯୁବ ସମାଜକୁ ଉଦ୍‌ବୁଦ୍ଧ କରିବ ବୋଲି ଆଶା ।

ଦୈନିକ କୌଶଳର ପ୍ରଥମ ପ୍ରକାଶନ ସମୟରେ ତା'ର ଉଦ୍‌ଘାଟନ ଗ୍ରାହକରୂପେ ଓ କୋଶଳ ଅନୁଷ୍ଠାନର ଜଣେ ଶୁଭେଚ୍ଛୁ ପରାମର୍ଶଦାତା ଭାବେ ଆମକୁ ସେ ଯେଉଁ ଅମୂଲ୍ୟ ପ୍ରେରଣା ଯୋଗାଇଛନ୍ତି ତାହା ଆମର ପାଥେୟ ହୋଇ ରହିବ । ଜୀବନର ଶେଷ ହେବାର ମାତ୍ର ଦୁଇଦିନ ପୂର୍ବେ କୋଶଳ ଭବନରେ ଆୟୋଜିତ ନବବର୍ଷ ଉପଲକ୍ଷେ ଅନୁଷ୍ଠିତ ବନ୍ଧୁ ମିଳନରେ ସେ ଯେଉଁ ସମଗ୍ର ମାନବ ଜାତିର କଲ୍ୟାଣ ନିମନ୍ତେ ପ୍ରାର୍ଥନା କରିଯାଇଛନ୍ତି ତାହା ତାଙ୍କର ମହାନୁଭବତାର ପରିଚୟ ଦିଏ ।

ସାଧାରଣ କ୍ଷେତ୍ରରେ ଏକ ନିଷ୍ଠାବାନ ସନ୍ତାନକୁ ହରାଇ ଆଜି ଜନନୀ ଦୁଃଖିତା । ସେହିପରି ଓଡ଼ିଶାର ଜଣେ କୃତି ସନ୍ତାନର ବିୟୋଗରେ ଓଡ଼ିଆ ବାସୀ ଆଜି ମ୍ରିୟମାଣ ଗୁରୁବାବୁ ତାଙ୍କ ଜୀବନର ଅର୍ଦ୍ଧ ଶତାବ୍ଦୀରୁ ବେଶୀ ସମୟ ଜନ ସାଧାରଣ, ଦେଶ ଓ ଜାତିର ସେବାରେ ବିନିଯୋଗ କରି ଯାଇଛନ୍ତି । ଜୀବନର ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ତାଙ୍କ କର୍ମତତ୍ପରତା ଓ ଆମାୟିକତା ସମସ୍ତଙ୍କୁ ଉଦ୍‌ବୁଦ୍ଧ କରୁ ଏହାହିଁ କାମନା । ପରିଶେଷରେ ଶୋକସନ୍ତପ୍ତ ଗୁରୁ ପରିବାରଙ୍କୁ ଆମେ ସମସ୍ତଙ୍କ ପକ୍ଷରୁ ଗଭୀର ସମବେଦନା ଜ୍ଞାପନ କରିବା ସମେତ ସ୍ୱର୍ଗର ଆତ୍ମାର ସଦ୍‌ଗତି ସକାଶେ ପରମ କରୁଣାମୟ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁଁ । ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।

(ଦୈନିକ କୋଶଳ ତା ୪/୧/୮୪ ଦିନ ସମ୍ପାଦକୀୟ ସ୍ତମ୍ଭରେ ପ୍ରକାଶିତ)